କାବ୍ୟକୃତି - ପୁନଶ୍ଚ

# ପତାକା

କବି ରଘୁନାଥ ଦାସ

ବନ୍ଧୁ ତୋଳିଧର ତୋଳିଧର

ସେ ପତାକା

ଅଙ୍କେ ଯାର ସୂର୍ଯ୍ୟ ରାଜେ ପୂର୍ଣ୍ଣତେଜେ,

ଆରପଟେ ଶରତର କମନୀୟ ଇନ୍ଦୁ |୦|

ସଂଗ୍ରାମେ ଯେ ଅଗ୍ରଦୂତ, ଅବିନୀତ ଶିର

ପ୍ରାଣୀ ପୂର୍ଣ୍ଣ ଭକ୍ତି ଅର୍ପେ ଯାକୁ ବସ୍ତି ଓ କୁଟୀର,

କ୍ରୀତଦାସ ପଦଧୂଳି ମାଖି୍ ତା କପାଳେ

ବରାଭୟ ଦିଏ ଯେହୁ ବିଶ୍ୱଜନତାରେ

ଝରେ ଯାର ପଟୁଆରେ

ବିଦ୍ଧବନ୍ଧୁ ରକ୍ତ ବିନ୍ଦୁ ବିନ୍ଦୁ |୧|

ମିଥ୍ୟାର କୁହେଳି କାଟି ଆଲୋକସରଣୀ

ଶୋଷଣରୁ ଶାପମୁକ୍ତ ସୁଶାନ୍ତଧରଣୀ

କରିବାକୁ ପଣ ଯା'ର ; ଆଦର୍ଶେ ଅଟଳ

ଘୋଷେ ଅଚଳ ବିଶ୍ୱାସେ: ନିଶ୍ଚିତ ସକାଳ,

ତା'ର ସ୍ୱାଗତିକା ଲାଗି

www.jatayu.org

# ପତାକା

କବି ରଘୁନାଥ ଦାସ

ଲଙ୍ଘି ଚାଲ ସପ୍ତ ମହାସିନ୍ଧୁ |୨|

ଦପ୍ତ ହୃଦେ ଲେପିଦିଏ ଶାନ୍ତିର ଚନ୍ଦନ,

ବନ୍ଧନକୁ ଛେଦି ଆଣେ ମୁକ୍ତିର ସନ୍ଧାନ,

ଚଣ୍ଡାଶୋକେ ଶିଖାଏ ଯେ ଅହିଂସାର ବାଣୀ

ଭୋଗଠାରୁ ତ୍ୟାଗ ବଡ, ଜୀବନର ଅମୃତ କାହାଣୀ

ମନ୍ତ୍ର ଗାଇ ବିତରେ ଯେ

ଭ୍ରାତୃତ୍ୱର ସଂଜୀବନୀ ମଧୁ |୩|

www.jatayu.org